

# ସତ୍ୟବାକ୍ୟ

# THE WORD OF TRUTH

**MAY & JUNE 2014**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

9. May & June-2014. No - 8

Published every two months in **Oriya** language for the Restoration of pure New Testament Christianity

## ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ। ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ। ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/– ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ
# VOICE OF TRUTH

VOL - XIX KAKINADA MAY-JUN-2014


## ଖ୍ରୀଷ୍ଟଧର୍ମର କେନ୍ଦ୍ର ଖ୍ରୀଷ୍ଟ
## (Christ centered religion)

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ଧର୍ମର କେନ୍ଦ୍ରବିନ୍ଦୁ । ସେ ହିଁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଓ ମୁକ୍ତିଦାତା । ତାହାଙ୍କ ବିନୁ କୌଣସି ମନୁଷ୍ୟ, ପିତାଙ୍କ ନିକଟକୁ ଯାଇପାରେ ନାହିଁ । ଖ୍ରୀଷ୍ଟଧର୍ମ ସ୍ଥାପିତ ହେବାର ପ୍ରାରମ୍ଭ ବେଳାରେ ଅର୍ଥାତ୍ ପ୍ରଥମ ଶତାବ୍ଦୀରେ ଖ୍ରୀଷ୍ଟଙ୍କ ପ୍ରାଧାନ୍ୟତା ବିଷୟରେ ପ୍ରେରିତ ମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ପାଇଥାଉଁ ।

**ଯୀଶୁ ହିଁ ''ବାର୍ତ୍ତା'' ଥିଲେ :-** ସ୍ତିପାନଙ୍କ ପ୍ରସ୍ତରାଘାତ ମୃତ୍ୟୁବରଣ କରିବା ପରେ, ଶିଷ୍ୟମାନେ ବିଭିନ୍ନ ପ୍ରଦେଶରେ ଛିନ୍ନ ହୋଇଗଲେ । ''ସେମାନଙ୍କ ମଧ୍ୟରୁ କେତେକ କୁଶୀୟ ଓ କୁରୀଣୀୟ ଲୋକ ଆନ୍ତିୟଖିଆକୁ ଆସି ଗ୍ରୀକ୍‌ମାନଙ୍କ ନିକଟରେ ମଧ୍ୟ କଥା କହି ପ୍ରଭୁ ଯୀଶୁଙ୍କ ସୁସମାଚାର ପ୍ରଚାର କରିବାକୁ ଲାଗିଲେ, (ପ୍ରେରିତ ୧୧:୨୦) ପ୍ରେରିତ ପାଉଲ କ୍ରୁଶରେ ହତ ଯୀଶୁଙ୍କୁ ପ୍ରଚାର କଲେ । ସେମାନେ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁତ୍ଥାନ ବିଷୟରେ ପ୍ରଚାର କରିଥିଲେ । ସେମାନଙ୍କ ସଦୃଶ୍ୟ, ଖ୍ରୀଷ୍ଟ ହିଁ ଆମ୍ଭମାନଙ୍କ ଜୀବନର, ଆମ୍ଭମାନଙ୍କ ପ୍ରଚାରର କେନ୍ଦ୍ରବିନ୍ଦୁ ଅଟନ୍ତି ।

ତାହାଙ୍କ ଠାରେ ଲୋକେ ପରିବର୍ତ୍ତିତ ହେଲେ : ଆନ୍ତିୟଖିଆବାସୀମାନେ ପ୍ରଭୁଙ୍କ ବାକ୍ୟ ଶ୍ରବଣ କଲେ ଓ ଗ୍ରହଣ କଲେ । ''ଆଉ, ସେମାନଙ୍କ ସହିତ ପ୍ରଭୁଙ୍କର ହସ୍ତ ଥିଲା, ପୁଣି ଅନେକ ଅନେକ ଲୋକ ବିଶ୍ୱାସ କରି ପ୍ରଭୁଙ୍କ ପ୍ରତି ଫେରିଲେ ।'' (ପ୍ରେରିତ ୧୧:୨୧) ଥେସଲନୀକୀର ପ୍ରଜା ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରି, ତାହାଙ୍କ

ପ୍ରତି ଫେରିଲେ । (୧ମ ଥେସ ୧:୧୯) । ଅନେକେ ପ୍ରଶ୍ନ କରନ୍ତି, ''ଆପଣ କେବେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେଲେ ?'' । ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା ସମୟରେ, ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଅର୍ଥାତ୍ ଖ୍ରୀଷ୍ଟଙ୍କ ଶରୀରର ଅଙ୍ଗ ହୋଇପାରିବା (ପ୍ରେରିତ୨:୪୭) । ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା ଲୋକେ. ଖ୍ରୀଷ୍ଟଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ । ସେମାନେ ଜଗତର କଳୁଷିତ ଜୀବନରୁ ଖ୍ରୀଷ୍ଟଙ୍କ ଠାରେ ଫେରନ୍ତି ।

**ସେ ସର୍ବାଧିକାରୀ ଅଟନ୍ତି :** ନୂତନ ଖ୍ରୀଷ୍ଟିୟାନମାନଙ୍କୁ ବିଶ୍ୱସ୍ତ ଜୀବନଯାପନ କରିବା ନିମନ୍ତେ ବର୍ଣ୍ଣବା ଉତ୍ସାହିତ କରିଥିଲେ । (ପ୍ରେରିତ ୧୧:୨୩) ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ଆଧିପତ୍ୟ ସ୍ୱୀକାର କରନ୍ତି । ସେ ଆମ୍ଭମାନଙ୍କ ଅଧିକାରୀ । ଆମ୍ଭେମାନେ ତାହାଙ୍କ ନିୟମାବଳୀର/ଆଜ୍ଞାବଳୀର ପାଳନ କରି ତାହାଙ୍କ ବଶତା ସ୍ୱୀକାର କରିଥାଉ । ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ କିଅବା ଈଶ୍ୱରଙ୍କ ମଣ୍ଡଳୀର ଆଜ୍ଞାବଳୀ ପାଳନ ନ କରି ଅବିଶ୍ୱସ୍ତ ଜୀବନଯାପନ କରୁ, ଖ୍ରୀଷ୍ଟଙ୍କ ଠାରେ ଅବିଶ୍ୱସ୍ତ ରହୁ ।

**ତାହାଙ୍କ ଠାରେ ପାପୀମାନେ କ୍ରୀତ ହୁଅନ୍ତି :** ''.....ଏହି ପ୍ରକାରେ ଅନେକ ଅନେକ ଲୋକ ପ୍ରଭୁଙ୍କ ଠାରେ ସଂଯୁକ୍ତ ହେଲେ ।'' (ପ୍ରେରିତ ୧୧:୨୪) । ''ମୋ ନିକଟକୁ ଆସ'' ବୋଲି ପ୍ରଭୁ ଯୀଶୁ ପ୍ରତ୍ୟେକଙ୍କୁ ଆହ୍ୱାନ ଜଣାନ୍ତି ।

ଆମ୍ଭମାନଙ୍କ ଜୀବନରେ, ଆମ୍ଭମାନଙ୍କ ଧର୍ମକର୍ମରେ ଆମ୍ଭମାନଙ୍କ ପ୍ରଚାରରେ ଖ୍ରୀଷ୍ଟଙ୍କ ଠାରେ କେନ୍ଦ୍ରୀଭୂତ ହେବା ଆବଶ୍ୟକ । ଖ୍ରୀଷ୍ଟଧର୍ମରୁ ଖ୍ରୀଷ୍ଟଙ୍କୁ କାଢ଼ି ନେଲେ, ଆଉ କଅଣ ରହିବ ? ଖ୍ରୀଷ୍ଟଙ୍କ ବିନୁ ଖ୍ରୀଷ୍ଟଧର୍ମ ଶୂନ୍ୟ ।

***- Kerry Holton***

❃ ❃ ❃

# ମଣ୍ଡଳୀରେ ସ୍ତ୍ରୀର ପାତ୍ର
## (Role of woman in the Church)

ଆମ୍ଭମାନଙ୍କ ପିତା ପରମେଶ୍ୱର ଆମ୍ଭମାନଙ୍କୁ ଅନୁସରଣ କରିବା ନିମନ୍ତେ ତାହାଙ୍କ ପବିତ୍ର ବାକ୍ୟ ଦେଇଅଛନ୍ତି । ଅନୁସରଣ କରିବା ନିମନ୍ତେ ଆମ୍ଭମାନଙ୍କ ନିମନ୍ତେ ଦତ୍ତ ପରମେଶ୍ୱରଙ୍କ ବାକ୍ୟ ବିନୁ ଆମ୍ଭେମାନେ ବିନଷ୍ଟ ହେବୁ । ପରମେଶ୍ୱରଙ୍କ ବାକ୍ୟରେ କୌଣସି ବିଷୟ ଯୋଗ ନ କରୁ, କିଅବା ବିଯୋଗ ନ କରୁ । ''ଯେଉଁମାନେ ଏହି ପୁସ୍ତକର ଭାବବାଣୀ ସହ ଶ୍ରବଣ କରନ୍ତି, ସେମାନଙ୍କର ପ୍ରତ୍ୟେକ ଜଣକୁ ମୁଁ ସାକ୍ଷ୍ୟ ଦେଇ କହୁଅଛି, କେହି ଯଦି ଏହିସବୁ ସଙ୍ଗରେ କିଛି ଯୋଗ କରେ, ତେବେ ଏହି ପୁସ୍ତକରେ ଲିଖିତ କ୍ଲେଶଗୁଡ଼ିକ ଈଶ୍ୱର ତାହା ଘଟାଇବେ....।'' (ପ୍ର.ବା. ୨୨:୧୮) ଦ୍ୱି.ବି. ୪:୨, ହିତୋ ୩୦:୬)

ବାଇବଲରେ ଆମ୍ଭେମାନେ ସୃଷ୍ଟି, ମନୁଷ୍ୟର ପତନ, ମନୁଷ୍ୟର ଇତିହାସ, ପରିତ୍ରାଣ ପାଇବାକୁ ଆମ୍ଭମାନଙ୍କୁ କଅଣ କରିବାକୁ ହେବ, ପବିତ୍ର ଜୀବନଯାପନର ନିୟମାବଳୀ, ମନୁଷ୍ୟର ମୃତ୍ୟୁ ପରେ ମନୁଷ୍ୟର ଗତି ବିଷୟରେ ପଢ଼ିଥାଉଁ । ସୈନ୍ୟାଧିପତି ସଦାପ୍ରଭୁ, ସୃଷ୍ଟିକର୍ତ୍ତା ପରମେଶ୍ୱର ୫ ଦିନରେ ଏହି ସମସ୍ତ ସୃଷ୍ଟ, ସୃଷ୍ଟି କରି, ଷଷ୍ଠ ଦିନରେ ମନୁଷ୍ୟକୁ ସୃଷ୍ଟି କରିଥିଲେ । ତାହାଙ୍କ ସୃଷ୍ଟି ସମସ୍ତ ସୃଷ୍ଟି ତାହାଙ୍କ ଦୃଷ୍ଟିରେ ଉତ୍ତମ ଥିଲା । କିନ୍ତୁ ମନୁଷ୍ୟର ଏକାନ୍ତତା ତାହାଙ୍କ ଦୃଷ୍ଟିରେ ଉତ୍ତମ ନ ଥିଲା । ସେ କହିଲେ, ''......ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା.....ଅନନ୍ତର ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ ନିଦ୍ରାଗ୍ରସ୍ତ କରାଇ ସେହି ନିଦ୍ରା ସମୟରେ ତାଙ୍କର ଖଣ୍ଡେ ପଞ୍ଜର ନେଇ ମାଂସ ଦ୍ୱାରା ସେହି ସ୍ଥାନ ପୂରଣ କଲେ, ଆଉ ସଦାପ୍ରଭୁ ପରମେଶ୍ୱର ଆଦମଙ୍କ ଠାରୁ ଯେଉଁ ପଞ୍ଜର ଖଣ୍ଡିକ ନେଲେ, ତଦ୍ୱାରା ଏକ ସ୍ତ୍ରୀ ନିର୍ମାଣ କରି ଆଦମଙ୍କ ନିକଟକୁ ଆଣିଲେ ।'' (ଆଦି ୨:୧୮-୨୨୧) । ସଦାପ୍ରଭୁ ପରମେଶ୍ୱର ସ୍ତ୍ରୀକୁ, ମନୁଷ୍ୟର ''ଅନୁରୂପ ସହକାରିଣୀ'' ରୂପେ, ସନ୍ତାନ ଉତ୍ପତ୍ତି ନିମନ୍ତେ, ପରିବାରର ତତ୍ତ୍ୱାବଧାନ ନେବା ନିମନ୍ତେ ସୃଷ୍ଟି କରିଥିଲେ । ସେ ମନୁଷ୍ୟର ବିଶେଷ ଆବଶ୍ୟକତା ନିମନ୍ତେ. ବିଶେଷ ଭାବେ ସ୍ତ୍ରୀକୁ ସୃଷ୍ଟି କରିଅଛନ୍ତି । ସେମାନେ ପରମେଶ୍ୱରଙ୍କ ଆଜ୍ଞା

ପାଳନ କରିବା ଦିନ ପର୍ଯ୍ୟନ୍ତ ସେମାନଙ୍କ ଜୀବନ ଆନନ୍ଦମୟ ଥିଲା ।

ସଦାପ୍ରଭୁ ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କରିଥିଲେ । ''ପୁରୁଷ ଈଶ୍ୱରଙ୍କ ପ୍ରତୁମୂର୍ତ୍ତି ଓ ଗୌରବସ୍ୱରୂପ ହେବାରୁ....'' (୨ୟ କରିନ୍ଥୀ ୧୧:୭) ପୁରୁଷ ''ମୁଖର ଝାଳରେ'' ଆହାର ପ୍ରାପ୍ତ ହେବ ବୋଲି ସଦାପ୍ରଭୁଙ୍କ ଦ୍ୱାରା ଆଜ୍ଞାପିତ ହୋଇଅଛି । ପୁରୁଷ ପରିବାର ମସ୍ତକ ସ୍ୱରୂପ ଅଟନ୍ତି । ପରିବାରର ଭରଣପୋଷର ଭାର ପୁରୁଷ ଉପରେ ନ୍ୟସ୍ତ କରିଯାଇଅଛି । ପରିବାରର ମସ୍ତକ ସ୍ୱରୂପ ପୁରୁଷର ଆଧିପତ୍ୟରୁ ଆଗେଇ ଯାଇ, ହବା ଶୟତାନର ପ୍ରଲୋଭନର ଶିକାର ହୋଇଥିଲେ । ଦିନ ଆସିବ, ଯେବେ ସଦାପ୍ରଭୁ ପୁରୁଷକୁ ତାହାର ପରିବାର ବିଷୟରେ ହିସାବ ଦେବାକୁ ହେବ । ଆଦମ ଆପଣା କର୍ତ୍ତବ୍ୟରେ ବିଫଳ ହୋଇଥିଲେ ।

ସଦାପ୍ରଭୁ ପରମେଶ୍ୱର ସ୍ତ୍ରୀକୁ, ପୁରୁଷର ଅନୁରୂପ ସହକାରିଣୀ ରୂପେ ସୃଷ୍ଟି କରିଥିଲେ । ପୁରୁଷ ପ୍ରଥମେ ସୃଷ୍ଟ ହେଲେ, ତତ୍‌ପରେ ସ୍ତ୍ରୀ ସୃଷ୍ଟ ହୋଇଥିଲା । ''କାରଣ ପୁରୁଷ ସ୍ତ୍ରୀ ଠାରୁ ଉତ୍‌ପନ୍ନ ହୋଇନାହିଁ, ମାତ୍ର ସ୍ତ୍ରୀ ପୁରୁଷ ଠାରୁ ଉତ୍‌ପନ୍ନ ହୋଇଅଛି । ଆଉ ସ୍ତ୍ରୀ ନିମନ୍ତେ ତ ପୁରୁଷର ସୃଷ୍ଟି ହେଲା ନାହିଁ, କିନ୍ତୁ ପୁରୁଷ ନିମନ୍ତେ ସ୍ତ୍ରୀର ସୃଷ୍ଟି ହେଲା ।'' (୧ମ କରିନ୍ଥୀ ୧୧:୮) । ପ୍ରେରିତ ପିତର ସ୍ତ୍ରୀକୁ ''ଅପେକ୍ଷାକୃତ ଦୁର୍ବଳା ପାତ୍ରୀ'' (୧ମ ପିତର ୩:୭) ବୋଲି ଆପଣା ପତ୍ରରେ ବ୍ୟକ୍ତ କରନ୍ତି । ଏହି ଦୁର୍ବଳା ପାତ୍ରୀ ସ୍ତ୍ରୀ ସହଜରେ ପ୍ରଭାବିତ ହୋଇଥାଏ । ଦୁର୍ବଳା ପାତ୍ରୀ ସ୍ତ୍ରୀକୁ ସଦାପ୍ରଭୁ ପରିବାରର ମୁଖ୍ୟ ଭାବେ ନିର୍ଣ୍ଣିତ କରିନାହାନ୍ତି । ବାଳିକା ଆପଣା ପିତାଙ୍କ, ସ୍ତ୍ରୀ ଆପଣା ସ୍ୱାମୀର ଓ ବୃଦ୍ଧା ସ୍ତ୍ରୀ ଆପଣା ପୁତ୍ରର ତତ୍ତ୍ୱାବଧାନରେ ରହନ୍ତି ।

ସ୍ତ୍ରୀମାନଙ୍କ ବିଷୟରେ ପ୍ରେରିତ ପାଉଲ ତିତସଙ୍କୁ ଲେଖନ୍ତି, ''....ପୁଣି ବୟୋଧିକା ସ୍ତ୍ରୀମାନଙ୍କୁ ସେହିପରି ପରନିନ୍ଦୁକ ଓ ମଦ୍ୟପାନରେ ଆସକ୍ତ ନ ହୋଇ ଶୁଦ୍ଧାଚାରିଣୀ ହେବାକୁ ସୁଶିକ୍ଷା ଦେବାକୁ ଅନୁରୋଧ କର । ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନ ହୁଏ, ଏଥି ନିମନ୍ତେ ସେମାନେ ଯୁବତୀମାନଙ୍କୁ ପତିବ୍ରତା, ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ ଓ ଆପଣା ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ ।'' (ତିତସ ୨:୩-୫, ଏଫିସୀ ୫:୨୨, ୧ମ ପିତର ୩ୟ ପର୍ବ)

ସୈନ୍ୟାଧିପତି ସଦାପ୍ରଭୁ ମନୁଷ୍ୟର ଆତ୍ମିକ ରକ୍ଷଣା ନିମନ୍ତେ ମଣ୍ଡଳୀ ସ୍ଥାପନ କରିଅଛନ୍ତି । ଅତି ଧାର୍ମିକା କିଅବା ଅତି ଦୁଷ୍ଟା ସ୍ତ୍ରୀମାନଙ୍କ ବିଷୟରେ ବାଇବଲରେ ଉଲ୍ଲେଖ କରାଯାଏ । ସେମାନଙ୍କୁ ଜନସଂଖ୍ୟାରେ ଗଣନା କରାଯାଏ ନାହିଁ । ନାମ ଉଲ୍ଲେଖ କରାଯାଏ ନାହିଁ । କିଅବା ବଂଶାବଳୀରେ ସ୍ଥାନ ଦିଆଯାଏ ନାହିଁ । ବାଇବଲର କୌଣସି ପୁସ୍ତକ ସ୍ତ୍ରୀମାନଙ୍କ ଦ୍ୱାରା ଲିଖିତ ହୋଇନାହିଁ । ଇଶ୍ରାଏଲଙ୍କ ବାର ପୁତ୍ରଙ୍କର ନାମରେ ବାର ଇଶ୍ରାଏଲ୍ ଗୋଷ୍ଠୀ । ତାହାଙ୍କ ପୁତ୍ରୀ ଦୀନା ନାମରେ କୌଣସି ଗୋଷ୍ଠୀ ବିଷୟ ବାଇବଲରେ ଲିଖିତ ହୁଏ ନାହିଁ । ସଦାପ୍ରଭୁ ମନ୍ଦିରରେ ସେବାକାର୍ଯ୍ୟ କରିବା ନିମନ୍ତେ ସ୍ତ୍ରୀମାନଙ୍କୁ ମନୋନୀତ କରି ନଥିଲେ । ଇଶ୍ରାଏଲ୍ ରାଜ୍ୟ ଉପରେ କୌଣସି ସ୍ତ୍ରୀକୁ ଅଭିଷିକ୍ତ କରି ନ ଥିଲେ । କୌଣସି ସ୍ତ୍ରୀ, ଭାବବାଦୀ (Prophet) ରୂପେ ମନୋନୀତ ନ ହୋଇଥିଲେ (ଇଶ୍ରାଏଲମାନଙ୍କ ମଧ୍ୟରେ ପୁରୁଷ ନେତା ନ ଥିବା ସମୟରେ, ଦେବରା ଭବିଷ୍ୟଦ୍‌ବକ୍ତ୍ରୀଙ୍କୁ ନିଯୁକ୍ତ ହୋଇଥିଲେ ।) । ଯୀଶୁଙ୍କ ପ୍ରେରିତମାନଙ୍କ ମଧ୍ୟରେ ସ୍ତ୍ରୀମାନଙ୍କ ସ୍ଥାନ ନ ଥିଲା । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ଷଷ୍ଠ ଅଧ୍ୟାୟରେ ସାତଜଣ ପୁରୁଷମାନଙ୍କୁ ସେବକ ଭାବେ ନିଯୁକ୍ତ ହୋଇଥିଲେ । ସ୍ତ୍ରୀମାନେ ସେବକ କର୍ମ ନିମେନ୍ତ ନିଯୁକ୍ତ ହୋଇ ନ ଥିଲେ । ଅଧ୍ୟକ୍ଷ ଓ ସେବକମାନଙ୍କ ନିଯୁକ୍ତି ସେମାନଙ୍କ ଯୋଗ୍ୟତା ବିଷୟରେ ବାକ୍ୟ ସୁସ୍ପଷ୍ଟ କରେ । (୧ମ ତୀମଥି ୩:୧-୧୩, ତିତସ ୧:୬-୯) । ଫୌବୀ କେଙ୍କ୍ରେୟାସ୍ଥ ମଣ୍ଡଳୀରେ ଅନେକଙ୍କର ଉପକାର କରିଥିଲେ । ଇୟଦିଆ ଓ ସନ୍ତୁଖି ମହିଳା ଦ୍ୱୟ ଫିଲିପି ମଣ୍ଡଳୀରେ ସୁସମାଚାର କାର୍ଯ୍ୟରେ ପରିଶ୍ରମ କରିଥିଲେ । (ରୋମୀୟ ୧୬:୧, ଫିଲିପି ୪:୨-୩) । ସେବିକାମାନଙ୍କ ନିଯୁକ୍ତି କିଅବା ଯୋଗ୍ୟତା ବିଷୟରେ ବାକ୍ୟରେ ଲିଖିତ ହୁଏ ନାହିଁ । ସ୍ତ୍ରୀମାନଙ୍କୁ ଅଧ୍ୟକ୍ଷା, ସେବିକା, କିଅବା ସୁସମାଚାର ପ୍ରଚାରକ ରୂପେ ନିଯୁକ୍ତ କରିବା ନିମନ୍ତେ ବାକ୍ୟରେ ଲିଖିତ ହୋଇନାହିଁ । ଯାହା ଲିଖିତ ହୋଇନାହିଁ, ସେହି କାର୍ଯ୍ୟ କରି ପରମେଶ୍ୱରଙ୍କ ଅସନ୍ତୋଷର ପାତ୍ର ନ ହେଉ । ସଦାପ୍ରଭୁ ସ୍ତ୍ରୀକୁ ପରିବାର ତତ୍ତ୍ୱାବଧାନ ଓ ସନ୍ତାନସନ୍ତତିମାନଙ୍କୁ ଭରଣପୋଷଣର କାର୍ଯ୍ୟ ନ୍ୟସ୍ତ କରିଅଛନ୍ତି । ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀ ନିମନ୍ତେ, "ସେ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ ପୁଣି କାହା କାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି

ଦାନ କରିଅଛନ୍ତି । ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠା ପ୍ରାପ୍ତ ହୁଏ ।'' (ଏଫିସୀ ୪:୧୧-୧୨) । ସ୍ତ୍ରୀର ଯୋଗଦାନ ବିଷୟରେ କୁହାଯାଏ ନାହିଁ ।

**ମଣ୍ଡଳୀରେ ସ୍ତ୍ରୀର ପାତ୍ର:** ''ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ, ସେହିପରି ସ୍ତ୍ରୀଲୋକମାନେ ମଣ୍ଡଳୀରେ ନୀରବ ରହନ୍ତୁ, ଯେଣୁ କଥା କହିବା ନିମନ୍ତେ ସେମାନେ ଅନୁମତି ପାଇନାହାନ୍ତି, ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ ସେମାନେ ବଶୀଭୂତା ହୋଇ ରହନ୍ତୁ । ସେମାନେ ଯଦି କୌଣସି ବିଷୟ ବୁଝିବାକୁ ଇଚ୍ଛା କରନ୍ତି, ତେବେ ଘରେ ଆପଣା ଆପଣା ସ୍ୱାମୀମାନଙ୍କୁ ପଚାରନ୍ତୁ, କାରଣ ମଣ୍ଡଳୀ ମଧ୍ୟରେ କଥା କହିବା ସ୍ତ୍ରୀଲୋକ ପକ୍ଷରେ ଲଜ୍ଜାଜନକ ।'' (୧ମ କରିନ୍ଥୀ ୧୪:୩୪-୩୬) । ଅର୍ଥାତ୍ ପୁରୁଷମାନେ ଉପସ୍ଥିତ ଥିବା ମଣ୍ଡଳୀ ସମାବେଶରେ ସ୍ତ୍ରୀମାନେ ଗୀତ ଗାଇବାରେ, କିଅବା ପ୍ରାର୍ଥନା କରିବାରେ, କିଅବା ବାକ୍ୟ ପ୍ରଚାର କରିବା ନିମନ୍ତେ ନେତୃତ୍ୱ ନେବା ବାକ୍ୟ ବିରୁଦ୍ଧରେ । ''ସ୍ତ୍ରୀ ପୂର୍ଣ୍ଣବଶତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ । ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଉନାହିଁ, ମାତ୍ର ସେ ମୌନ ରହୁ ।'' (୧ମ ତୀମଥି ୨:୧୧,୧୪) ପୁରୁଷମାନେ ଥିବା ମଣ୍ଡଳୀ ସମାବେଶରେ ସ୍ତ୍ରୀମାନେ କଥା କହିବା ଲଜ୍ଜାଜନକ । ପ୍ରିସ୍କିଲା ଓ ଆକ୍ୱିଲା ଏଫିସୀରେ ଆପଣା ଗୃହରେ ଆପୋଲ୍ଲଙ୍କୁ ଈଶ୍ୱରଙ୍କ ବିଷୟରେ ଶିକ୍ଷା ଦେଇଥିଲେ । ମଣ୍ଡଳୀରେ ସ୍ତ୍ରୀମାନେ ମୌନ ରହିବା ନିମନ୍ତେ ପାଉଲ ଦୁଇଟି କାରଣ ୧ମ ତୀମଥି ୨:୧୧ ପଦରେ ବିଶ୍ଳେଷଣ କରନ୍ତି, (୧) ଆଦମ ପ୍ରଥମେ ସୃଷ୍ଟି ହୋଇଥିଲେ (୨) ହବା ଶୟତାନ ଦ୍ୱାରା ପ୍ରବଞ୍ଚିତ ହୋଇଥିଲେ । ଆଦମ ଆଜ୍ଞା ଲଂଘନ କରିବା ପୂର୍ବେ ହବା, ନିଷେଧିତ ଫଳ ଖାଇଥିଲେ । (୨ କରିନ୍ଥୀ ୧୧:୩)

ସ୍ତ୍ରୀମାନେ ମଣ୍ଡଳୀ ଉପସ୍ଥାନରେ ଯୋଗଦାନ ଦେଇ ସାମୂହିକ ଭାବେ (କ) ଗୀତ ଗାଇବାରେ (ଖ) ପୁରୁଷ ଖ୍ରୀଷ୍ଟିୟାନ ପ୍ରାର୍ଥନା କଲେ, 'ଆମେନ୍' କହିବା (ଗ) ପ୍ରଚାରିତ ବାକ୍ୟ ଶ୍ରବଣ କରିବା (ଘ) ଚାନ୍ଦା ଦେବା ବାକ୍ୟଗତ ଅଟେ । ସ୍ତ୍ରୀମାନଙ୍କ ଉପରେ ଅନେକ ପରିଚର୍ଯ୍ୟା ଭାର ରହିଥାଏ । ଉଦାହରଣ-

ରୋଷେଇ, ଖାଦ୍ୟ ପରିବେଷଣ, ସନ୍ତାନସନ୍ତତିମାନଙ୍କ ଭରଣପୋଷଣ, ରୋଗୀମାନଙ୍କ ଯତ୍ନ, କ୍ଷୁଦ୍ର ବାଳକବାଳିକାମାନଙ୍କୁ ଶିକ୍ଷା ଦେବା ଇତ୍ୟାଦି ।

ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟ ସ୍ତ୍ରୀମାନେ, ଆଜିର ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କ ଆଦର୍ଶ ଅଟନ୍ତି । (କ) ଯୋହନଙ୍କ ମାତା ମରିୟମଙ୍କ ଗୃହରେ ଅନେକ ଏକତ୍ରିତ ହୋଇ ହେରୋଦଙ୍କ ଦ୍ବାରା କାରାଗାରରେ ନିକ୍ଷିପ୍ତ ପ୍ରେରିତ ପିତରଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲେ । ଆମ୍ଭମାନଙ୍କ ଗୃହ ମଧ୍ୟ, ଅନେକ ଏକତ୍ରିତ ହେବା 'ପ୍ରାର୍ଥନା ସ୍ଥଳ' ହେଉ । (ପ୍ରେରିତ ୧୨:୧୨) (ଖ) ଯାଫୋର ଟାବୀଥା ନାମ୍ନୀ ଖ୍ରୀଷ୍ଟିୟାନ ସ୍ତ୍ରୀ ମଣ୍ଡଳୀର ବିଧବାମାନଙ୍କୁ ସାହାଯ୍ୟ କରୁଥିଲେ । (ପ୍ରେରିତ ୯:୩୬-୪୩) ସ୍ତ୍ରୀମାନେ ଟାବୀଥା ସଦୃଶ୍ୟ ଅନ୍ୟମାନଙ୍କୁ ସାହାଯ୍ୟ କରିପାରନ୍ତି । (ଗ) ଫିଲିପୀ ନଗରର ଲୁଦିଆ, ପାଉଲ ଓ ତାହାଙ୍କ ସାଥିମାନଙ୍କୁ ଆପଣା ଗୃହରେ ଆତିଥ୍ୟ ଦେଇଥିଲେ । ତାହାଙ୍କ ଗୃହରେ ପାଉଲ ଓ ତାହାଙ୍କ ସାଥିମାନେ ଆତିଥ୍ୟ ଗ୍ରହଣ କରି ସେ ଅଞ୍ଚଳରେ ସୁସମାଚାର ପ୍ରଚାର କରିଥିଲେ । (ଗ) ଏଫିସୀ ନଗରର ପ୍ରିସ୍କିଲା ତାହାଙ୍କ ସ୍ବାମୀ ସହ ଆପୋଲ୍ଲୁ ନାମକ ସୁବକ୍ତା ଓ ଧର୍ମଶାସ୍ତ୍ରରେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଆପଣା ଗୃହକୁ ନିମନ୍ତ୍ରଣ କରି ଈଶ୍ୱରଙ୍କ ମାର୍ଗ ବିଷୟରେ ସୂକ୍ଷ୍ମ ଭାବେ ଶିକ୍ଷା ଦେଇଥିଲେ । ଖ୍ରୀଷ୍ଟିୟାନ ସ୍ତ୍ରୀମାନେ ବାଳକବାଳିକାମାନଙ୍କୁ ବାକ୍ୟ ଅଜ୍ଞମାନଙ୍କୁ ଓ ବୃଦ୍ଧା ସ୍ତ୍ରୀମାନେ ଯୁବତୀମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇ ପାରନ୍ତି । (୧) କେଙ୍କ୍ରେୟାସ୍ଥ ମଣ୍ଡଳୀର ଖ୍ରୀଷ୍ଟିୟାନ ସ୍ତ୍ରୀ ଫୌବୀ ଓ ଫିଲିପ ମଣ୍ଡଳୀର ଇୟଦିଆ ଓ ସନ୍ତୁଖୀ ଅନେକଙ୍କ ଉପକାର ଓ ପରିଚର୍ଯ୍ୟା କରିଥିଲେ । ସେମାନଙ୍କ ସଦୃଶ୍ୟ ଖ୍ରୀଷ୍ଟିୟାନ ସ୍ତ୍ରୀମାନେ ମଣ୍ଡଳୀର ସଭ୍ୟମାନଙ୍କୁ ଉପକାର କରିବା ଆବଶ୍ୟକ । ଯୀଶୁଖ୍ରୀଷ୍ଟ ଏହି ଜଗତରେ ସୁସମାଚାର ପ୍ରଚାର କରିବା ବେଳେ ଅନେକ ସ୍ତ୍ରୀ, ତାହାଙ୍କ ସଙ୍ଗରେ ଥାଇ ଆପଣା ଆପଣା ସମ୍ପତ୍ତି ଦେଇ ସେବା କରୁଥିଲେ (ଲୂକ ୮:୧-୩)

ଖ୍ରୀଷ୍ଟିୟ ସ୍ତ୍ରୀମାନଙ୍କ ନିମନ୍ତେ ସୌନ୍ୟାଧିପତି ସଦାପ୍ରଭୁ ଅନେକ ବିଶେଷ ପାତ୍ର ନିର୍ଣ୍ଣୟ କରି, ନ୍ୟସ୍ତ କରିଅଛନ୍ତି । ତାହାଙ୍କ ନିର୍ଣ୍ଣିତ ନିୟମାବଳୀ ପାଳନ କରି, ତାହାଙ୍କୁ ଗ୍ରାହ୍ୟଯୋଗ୍ୟ ଜୀବନଯାପନ କରୁ ।

**– Kabita Gootam**

# ନରକରେ କିଏ କଅଣ ?
## (Who is who in the Hell?)

ନରକରେ କିଏ କଅଣ ? ତାଲିକା ଶୟତାନ ପାଖରେ ଅଛି । ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟ, କଳଙ୍କିତ, ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ, ଏହାହିଁ ବିଶ୍ଳେଷଣ କଲେ, ଏହି ତାଲିକାରେ ଆପଣ/ମୁଁ ଅଛୁ କି ନାହିଁ ଜାଣିପାରିବା ।

ତାଲିକାର ପ୍ରଥମ ବର୍ଗର ଲୋକେ, **"ଭୀରୁ"** ଅର୍ଥାତ୍ ଭୟାଳୁ ଲୋକେ । ପ୍ରଥମ ଶତାବ୍ଦୀର ୨ୟ ଭାଗରେ ଖ୍ରୀଷ୍ଟିୟାନମାନେ ଅତ୍ୟନ୍ତ ଘୋରଭାବେ ହିଂସା, ଭୋଗୁଥିଲେ । କାଇସରଙ୍କୁ ପ୍ରଭୁ ଯୀଶୁ ସ୍ୱୀକାର କରି, ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିଥିଲେ । ଖ୍ରୀଷ୍ଟିୟ ଜୀବନ ଏକ ଯୁଦ୍ଧ କ୍ଷେତ୍ର, ଯେଉଁଠାରେ ଖ୍ରୀଷ୍ଟିୟାନ ଏକ ସୈନିକ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖିଥିଲେ, "ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଳେଶ ସହ୍ୟ କର । କୌଣସି ଲୋକ ସୈନ୍ୟକାର୍ଯ୍ୟ କରି ସଂସାରର ଅନ୍ୟ କାର୍ଯ୍ୟରେ ନିଜକୁ ଆବଦ୍ଧ କରେ ନାହିଁ, ଯେପରି ସୈନ୍ୟପଦରେ ନିଯୋଗକର୍ତ୍ତାଙ୍କୁ ସେ ସନ୍ତୁଷ୍ଟ କରିପାରେ ।" (୨ ତୀମଥି ୨:୩,୪) । ପ୍ରିୟ ବନ୍ଧୁ, ଯୀଶୁଖ୍ରୀଷ୍ଟ ଆପଣଙ୍କୁ ତାହାଙ୍କ ସହିତ ଯୁଦ୍ଧ କରିବାକୁ ଚାହୁଁ ଅଛନ୍ତି । ଯୁଦ୍ଧରେ ଅଗ୍ରସ୍ଥାନରେ ଅଗ୍ରସର ହେବାକୁ ଚାହାନ୍ତି । ଆପଣ କି ତାହାଙ୍କ ସହିତ ଶୟତାନର ବିରୁଦ୍ଧରେ ଯୁଦ୍ଧ କରୁଅଛନ୍ତି ?

ଶୟତାନର ତାଲିକାରେ **"ଅବିଶ୍ୱସ୍ତ"** ବର୍ଗର ଲୋକେ ଦ୍ୱିତୀୟ ଶ୍ରେଣୀର । ଏଠାରେ ଅବିଶ୍ୱାସୀର ଅର୍ଥ "ଅବିଶ୍ୱସ୍ତ" ଅର୍ଥ ଯେଉଁମାନେ "....ଭକ୍ତିର ଭେଖ ଧରନ୍ତି, କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି, ଏପରି ଲୋକମାନଙ୍କ ଠାରୁ ପୃଥକ ହୁଅ ।" (୨ୟ ତୀମଥି ୩:୫) ଯୀଶୁଖ୍ରୀଷ୍ଟ ଯୁଦ୍ଧ କରିବା ନିମନ୍ତେ ଆଜ୍ଞା ଦେବା ବେଳେ, ସେମାନେ ନାସ୍ତି କରନ୍ତି । ସେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱସ୍ତ ନୁହନ୍ତି । ଆପଣ କି ଏହି ବର୍ଗରେ ଅନ୍ତର୍ଭୁକ୍ତ ଅଟନ୍ତି ?

ତୃତୀୟ ବର୍ଗର ଲୋକେ, **"ଘୃଣ୍ୟ କଳଙ୍କିତ"** ଶ୍ରେଣୀର । **"କଳଙ୍କିତ"** ଅର୍ଥାତ **"ଅଶୁଚି"** "କୌଣସି ଅଶୁଚି ବିଷୟ କିଅବା ଘୃଣ୍ୟକର୍ମକାରୀ ଓ

ମିଥ୍ୟାଚାରୀ କେହି ସେଥିରେ କଦାପି ପ୍ରବେଶ କରିବ ନାହିଁ.....'' (ପ୍ରକାଶିତ ୨୧:୨୭) ଯାକୁବ ଆପଣା ଲେଖନୀରେ କହନ୍ତି, ''......ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ ।'' (ଯାକୁବ ୧:୨୭) । ଆପଣଙ୍କ ଆତ୍ମିକ ବସ୍ତ୍ର କି ନିଷ୍କଳଙ୍କ ?

ଚତୁର୍ଥ ବର୍ଗର ଲୋକେ, **''ନରଘାତକ''** ଶ୍ରେଣୀର । ଆପଣ ମନେ କରୁଥିବେ, ''ମୁଁ ତ କେବେ କାହାର ହତ୍ୟା କରିନାହିଁ ?'' ବାକ୍ୟ କହେ, ''ଯେକେହି ଆପଣା ଭାଇକୁ ଘୃଣା କରେ, ସେ ନରଘାତକ, ଆଉ ନରଘାତକ ଠାରେ ଯେ ଅନନ୍ତ ଜୀବନ ନ ଥାଏ, ଏହା ତୁମ୍ଭେମାନେ ଜାଣ ।'' (୧ମ ଯୋହନ ୩:୧୫)

ପଞ୍ଚମ ବର୍ଗର ଲୋକେ **''ବ୍ୟଭିଚାରୀ''** ଶ୍ରେଣୀର । ଅର୍ଥାତ୍ ଯେଉଁମାନେ ଅନ୍ୟ ସ୍ତ୍ରୀ/ପୁରୁଷ ସହିତ ସମ୍ପର୍କ ରଖନ୍ତି । ଆପଣ ଏହି ବର୍ଗର ଅନ୍ତର୍ଭୁକ୍ତ ନୁହନ୍ତି ବୋଲି ମନେ କରୁଥିବେ । କିନ୍ତୁ ବାକ୍ୟ କହେ, ''କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେକୌଣସି ସ୍ତ୍ରୀ ପ୍ରତି କାମଭାବରେ ଦୃଷ୍ଟିପାତ କରେ ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି ।'' (ମାଥିଉ ୫:୨୮)

ଷଷ୍ଠ ବର୍ଗର ଲୋକେ, **''ମାୟାବୀ''** ଶ୍ରେଣୀର । ମାୟାବୀ ଅର୍ଥ ଯାଦୁ ବିଦ୍ୟା କିଅବା କୁହୁକ ବିଦ୍ୟା ଆଚରଣ କରିବା ବ୍ୟକ୍ତିମାନେ । ଆଧୁନିକ ଯୁଗରେ ଡ୍ରଗ୍ ପ୍ରଭୃତି ବ୍ୟବହାର କରିବା ଲେକେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ସପ୍ତମ ବର୍ଗର ଲୋକେ **''ପ୍ରତିମା ପୂଜକ''** ଅନେକେ ଖ୍ରୀଷ୍ଟଙ୍କ ଗ୍ରହଣ କରି ମଧ୍ୟ, ପ୍ରତିମା ପୂଜା ତ୍ୟାଗ କରିନାହାନ୍ତି । ପାଉଲ କଲସୀ ମଣ୍ଡଳୀକୁ ''ପ୍ରତିମା ପୂଜା ରୂପ ଲୋଭ''ରେ ମୃତ ହୁଅ ବୋଲି ୩:୫ ପଦରେ ଲେଖନ୍ତି । ବାସ୍ତବରେ ଲୋଭରୂପୀ ପ୍ରତିମା ପୂଜା ଆମ୍ଭମାନଙ୍କ ମଧ୍ୟରେ ଅଛି ।

ଅଷ୍ଟମ ବର୍ଗର ଲୋକେ, **''ମିଥ୍ୟାବାଦୀ''** ଶ୍ରେଣୀର । ଜ୍ଞାନୀ ଶଲୋମନ କହନ୍ତି, ''ମିଥ୍ୟାବାଦୀ ଓଷ୍ଠ ସଦାପ୍ରଭୁଙ୍କ ଘୃଣ୍ୟବିଷୟ.....'' (ହିତ ୧୨:୨୨) । ଓଷ୍ଠ ମିଥ୍ୟା କହିବା ସଙ୍ଗେ ସଙ୍ଗେ ଅନେକଙ୍କ ଜୀବନ ହିଁ ମିଥ୍ୟା । ''ସେମାନେ ଈଶ୍ୱରଙ୍କୁ ଜାଣନ୍ତି ବୋଲି ସ୍ୱୀକାର କରନ୍ତି । ସେମାନେ ଘୃଣ୍ୟ ଓ ଅବାଧ୍ୟ ପୁଣି ସମସ୍ତ

କର୍ମର ଅଯୋଗ୍ୟ ।'' (ତିତ ୧:୧୬) । ଆପଣ କି ଏହି ବର୍ଗରେ ଅନ୍ତର୍ଭୁକ୍ତ ?

ଉପରୋକ୍ତ ପ୍ରତ୍ୟେକ ଶ୍ରେଣୀର ଲୋକେ ଶୟତାନର ତାଲିକାଭୁକ୍ତ । ଏମାନେ ଅନନ୍ତନର୍କରେ ନିକ୍ଷିପ୍ତ ହେବେ ।

**- John Stacy**

''ମୃତ୍ୟୁଜନକ ପାପ କିଅବା ଧାର୍ମିକତାଜନକ ଆଜ୍ଞାବହତା, ଏହା ମଧ୍ୟରୁ ଯାହା ନିକଟରେ ତୁମ୍ଭେମାନେ ଆଜ୍ଞାବହ ହେବା ନିମନ୍ତେ ଆପଣା ଆପଣାକୁ ଦାସ ରୂପେ ସମର୍ପଣ କର, ଅର୍ଥାତ୍ ଯାହାର ଆଜ୍ଞା ପାଳନ କର, ତାହାର ଯେ ତୁମ୍ଭେମାନେ ଦାସ ଅଟ, ଏହା କଅଣ ଜାଣ ନାହିଁ ? (ରୋମୀୟ ୬:୧୬)

❋ ❋ ❋

## ପ୍ରାଚୀର ନିର୍ମାଣରେ ଆପଣଙ୍କ ସ୍ଥାନ କେଉଁଠାରେ ?
## (Where is your place at the wall?)

ନିହିମିୟା ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ ସଦାପ୍ରଭୁଙ୍କ କାର୍ଯ୍ୟରେ ଉଦ୍‌ଯୋଗୀ ଏକ ମନୁଷ୍ୟ ବିଷୟରେ ପଢ଼ିଥାଉଁ । ରାଜା ଅର୍ତ୍ତକ୍ଷସ୍ତ ସମ୍ମୁଖରେ ତାହାଙ୍କ ବିନତୀ, ପତନ ସ୍ଥିତିରେ ଥିବା ପବିତ୍ର ନଗରୀ ଯିରୁଶାଲମର ପରିସ୍ଥିତି ଓ ପୁନଃନିର୍ମାଣ କରିବାରେ ଆଲୋଚନା ତାହାଙ୍କ ହୃଦୟର ଉଦ୍‌ଯୋଗ ସ୍ପଷ୍ଟ କରେ । ତାହାଙ୍କ ଏହି ଉଚ୍ଚକୋଟୀର ଆଲୋଚନା, ଯୋଜନା ଦ୍ୱାରା ସେ ଯିରୁଶାଲମର ପୁନଃନିର୍ମାଣରେ ସଫଳତା ପ୍ରାପ୍ତ ଥିଲେ ।

ତାହାଙ୍କ ଉଦ୍‌ଯୋଗ ତାହାଙ୍କୁ ରାଜଧାନୀ ଶୂଶାନରୁ ପତିତ ଯିରୁଶାଲମକୁ ଘେନି ଆଣିଥିଲେ । ସେ ଯିରୁଶାଲମରେ ପହଞ୍ଚି ଭଗ୍ନ ପ୍ରାଚୀର, ନିଃସହାୟ, ଅପ୍ରେମୀ ଯିହୂଦୀମାନଙ୍କ ସନ୍ଧାନ ପାଇଲେ । ସଦାପ୍ରଭୁଙ୍କ ନଗର, ଦୁଃସ୍ଥିତିରେ ଥିଲା । ତାହାର ପୁନଃନିର୍ମାଣରେ କେହି ଆଗ୍ରହୀ ନ ଥିଲେ । ନିହମିୟା ନଗର ପ୍ରଦକ୍ଷିଣ କରି, ପୁନଃନିର୍ମାଣ କରିବାରେ ଯୋଜନା କରି ପୁନଃନିର୍ମାଣ ଆରମ୍ଭ କରିଥିଲେ ।

ଯଦି ଆମ୍ଭେମାନେ ବିଶ୍ୱସ୍ତଭାବେ ଈଶ୍ୱରଙ୍କ ରାଜ୍ୟର ଆଜିର ସ୍ଥିତି

ଆଲୋଚନା କଲେ, ସେ ସମୟର ଯିରୂଶାଲମ ନଗରର ସ୍ଥିତିରୁ କୌଣସି ଭାବେ ଭିନ୍ନ ନୁହେଁ । ମଣ୍ଡଳୀର ଅର୍ଥାତ୍ ଈଶ୍ୱରଙ୍କ ରାଜ୍ୟରେ ପ୍ରାଚୀର ଭଗ୍ନସ୍ଥିତିରେ ଓ ଦ୍ୱାର ସବୁ ଅଗ୍ନିରେ ଦଗ୍ଧ ହୋଇଅଛି ।

ସେହି ପବିତ୍ର ନଗରୀ - ଯିରୂଶାଲମ - ଖ୍ରୀଷ୍ଟଙ୍କ ମଣ୍ଡଳୀର ପୁନଃନିର୍ମାଣ କରିବାର ସମୟ ଉପସ୍ଥିତ । ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ନଗରର ଅର୍ଥାତ୍ ମଣ୍ଡଳୀର ପ୍ରାଚୀର ସମସ୍ତ ନିରୀକ୍ଷଣ କରୁ । କେଉଁ ସ୍ଥାନରେ, କିଅବା କେଉଁ ବିଷୟରେ ମଣ୍ଡଳୀ ପତନ ସ୍ଥିତିରେ ଅଛି ଆଲୋଚନା କରୁ ଓ ପୁନଃନିର୍ମାଣ ନିମନ୍ତେ ଆଲୋଚନା କରୁ । ମଣ୍ଡଳୀ ଯାହା କି ପ୍ରଭୁଯୀଶୁଙ୍କ ଶରୀର ଅଟେ, ତାହା ଭଗ୍ନ ସ୍ଥିତିରେ ଅଛି । ପ୍ରାଚୀର ଭଗ୍ନ ହୋଇଅଛି, ଦ୍ୱାର ଅଗ୍ନିରେ ଦଗ୍ଧ ହୋଇଅଛି । ଆପଣ କେଉଁ ସ୍ଥାନରେ କିଅବା କିପରି ଭାବେ ଖ୍ରୀଷ୍ଟଙ୍କ ନଗରର ପ୍ରାଚୀର ପୁନଃନିର୍ମାଣ କରୁଅଛନ୍ତି ?

***- Chad Ezelle***

❋ ❋ ❋

# ରାଜଦୂତ
## (Ambassadors)

''ଅତଏବ, ଈଶ୍ୱର ଆମ୍ଭମାନଙ୍କ ଦ୍ୱାରା ଆହ୍ୱାନ କରୁଥିବାରୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପକ୍ଷରେ ରାଜଦୂତର କର୍ମ କରୁଅଛୁ । ଖ୍ରୀଷ୍ଟଙ୍କ ପକ୍ଷରୁ ଆମ୍ଭେମାନେ ନିବେଦନ କରୁଅଛୁ, ତୁମ୍ଭେମାନେ ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଅ ।'' (୨ କରିନ୍ଥୀ ୫:୨୦)

''ସମ୍ମିଳନର ପରିଚର୍ଯ୍ୟା'' କେବଳ ପ୍ରେରିତମାନଙ୍କ ଦତ୍ତ ହୋଇ ନ ଥିଲା । ଏହି ଗୌରବମୟ କାର୍ଯ୍ୟରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଅଂଶୀଦାର । ଖ୍ରୀଷ୍ଟଙ୍କ ରାଜଦୂତଭାବେ ଆମ୍ଭମାନଙ୍କୁ ଅନେକ କାର୍ଯ୍ୟଭାର ସମର୍ପିତ ହୋଇଅଛି, ତାହା ସମ୍ପନ୍ନ କରିବାରେ ଖ୍ରୀଷ୍ଟ ମହିମାନ୍ୱିତ ହୁଅନ୍ତି ।

ରାଜଦୂତର କାର୍ଯ୍ୟ, ଗୌରବମୟ କାର୍ଯ୍ୟ । ଖ୍ରୀଷ୍ଟଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବା ଗୌରବମୟ କାର୍ଯ୍ୟ ହେଲେ ହେଁ, ଏହା ଏକ ''ପରିଚର୍ଯ୍ୟା'' ବା ''ସେବା

କାର୍ଯ୍ୟ'' ରୂପେ ପରିଚିତ ହୋଇଅଛି । ଆମ୍ଭେମାନେ ଖ୍ରୀଷ୍ଟଙ୍କ ମହାନ କାର୍ଯ୍ୟଭାର ବହନ କରୁଥିବା ତାହାଙ୍କ ସେବକ ବର୍ଗ ॥

ଏହି ପରିଚର୍ଯ୍ୟାରେ ଆମ୍ଭେମାନେ ପୁରୁଷ ଓ ସ୍ତ୍ରୀମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ପ୍ରତିନିଧି ରୂପେ କାର୍ଯ୍ୟ ପ୍ରତିନିଧି ରୂପେ କାର୍ଯ୍ୟ କରିଥାଉଁ । ସଦାପ୍ରଭୁ ପରମେଶ୍ୱର ମନୁଷ୍ୟମାନଙ୍କ ପରିତ୍ରାଣ ନିମନ୍ତେ ଯୋଜିତ ପରିତ୍ରାଣର ଯୋଜନା ଆମ୍ଭେମାନେ ବିନଷ୍ଟ ହେଉଥିବା ପ୍ରଜାମାନଙ୍କ ନିକଟରେ ପ୍ରଚାର କରୁ । ପରମେଶ୍ୱରଙ୍କ ଯୋଜିତ ଯୋଜନା ବିନୁ ଅନ୍ୟ କୌଣସି ମାର୍ଗ ନାହିଁ, ଯାହା ଦ୍ୱାରା ମନୁଷ୍ୟ ପରିତ୍ରାଣ ପାଇପାରେ ।

ଆମ୍ଭମାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ନ ହେବା ମନୁଷ୍ୟମାନଙ୍କ ଜୀବନ ଆପଦଗ୍ରସ୍ତ ଅଟେ । ସେମାନେ ନିରପଦାର ଜାହାଜର ବାହାରେ ଅଛନ୍ତି । ସେମାନେ ''ଆଶ୍ରୟ ନଗରୀ''ରେ ପ୍ରବେଶ କରି ନାହାନ୍ତି । ''ଆଶ୍ରୟ ନଗରୀ''ର ବାହାରେ କେବଳ ବିନାଶ ଅଛି ।

ରାଜଦୂତମନେ, ଯାହାଙ୍କ ପ୍ରତିନିଧିତ୍ୱ କରନ୍ତି, ତାହାଙ୍କ ନିୟମାବଳୀ ବ୍ୟତୀତ ସ୍ୱଆଲୋଚନା ପ୍ରକଟ କରିବାରେ ଅନୁମତି ପ୍ରାପ୍ତ ନୁହନ୍ତି । ଯେଉଁମାନେ ଆଗ୍ରହ ସହକାରେ ପ୍ରଭୁଙ୍କ ବାକ୍ୟ ଶ୍ରବଣ କରନ୍ତି, ସେମାନଙ୍କୁ ଆମ୍ଭେମାନେ ପରିତ୍ରାଣ, ପାପକ୍ଷମା, ସମ୍ମିଳନ ଓ ଅନନ୍ତଜୀବନ ପ୍ରତିଜ୍ଞା କରୁ । ବାଇବଲରେ ଲିଖିତ ଅଧିକାରଯୁକ୍ତ ବାକ୍ୟ ବିନୁ ଆମ୍ଭେମାନେ, ଆପଣା ସ୍ୱଆଲୋଚନା, ସ୍ୱନୀତି ପ୍ରକଟ କରିବା ନିମନ୍ତେ ଅନୁମତି ପ୍ରାପ୍ତ ନୋହୁଁ ।

ଖ୍ରୀଷ୍ଟଙ୍କ ବାର୍ତ୍ତା ଅତ୍ୟନ୍ତ ଜରୁରୀ ବାର୍ତ୍ତା । ପ୍ରେରିତ ପାଉଲ କହନ୍ତି, ''...ଖ୍ରୀଷ୍ଟଙ୍କ ପକ୍ଷରୁ ଆମ୍ଭେମାନେ ନିବେଦନ କରୁଅଛୁ, ତୁମ୍ଭେମାନେ ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଅ ।'' ସେ ମନୁଷ୍ୟମାନଙ୍କ ଈଶ୍ୱରଙ୍କ ସହିତ ସମ୍ମିଳିତ ହେବା ନିମନ୍ତେ ବିନତୀ, ନିବେଦନ କରନ୍ତି । ଆପଣଙ୍କ ଉପରେ ନ୍ୟସ୍ତ ''ରାଜଦୂତ''ର କର୍ମ, ଆପଣ କିପରି ନିର୍ବାହ କରୁଅଛନ୍ତି ।

***- Richard L. Jones***

❋ ❋ ❋

# ଶୟତାନ ଆନନ୍ଦିତ !

## (Devil is Rejoicing !)

ଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରି ବାପ୍ତିଜିତ ହେବା ପୂର୍ବେ ପ୍ରତ୍ୟେକ ବ୍ୟକ୍ତି ଶୟତାନର ସନ୍ତାନ । ବାପ୍ତିଜିତ ହେବା ପରେ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହୁଅନ୍ତି । (ପ୍ରେରିତ ୨୨:୧୮) ଜଣେ ପାପମୟ ଜୀବନଯାପନ କଲେ, ଶୟତାନ ଆନନ୍ଦିତ ହୁଏ । ମନୁଷ୍ୟ ଯେବେ ଈଶ୍ୱରଙ୍କ ଆଜ୍ଞାପାଳନ କରନ୍ତି, ଈଶ୍ୱର ଆନନ୍ଦିତ ହୁଅନ୍ତି ।

ମନୁଷ୍ୟ କୁକ୍ରିୟାରେ ଲିପ୍ତ ରହିଲେ ଶୟତାନ ଖୁସିରେ ନାଚେ । ପରିତ୍ରାଣ ପ୍ରାପ୍ତିର ଯୋଜନା ଶ୍ରବଣ କରି ମଧ୍ୟ ପାଳନ ନ କଲେ ଶୟତାନ ଆନନ୍ଦିତ ହୁଏ । ଖ୍ରୀଷ୍ଟଙ୍କ ରକ୍ତର ଶକ୍ତି ଅଗ୍ରାହ୍ୟ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଈଶ୍ୱର ଦୁଃଖିତ ଅଟନ୍ତି । (୨ ପିତର ୩:୯)

ଈଶ୍ୱରଙ୍କ ସନ୍ତାନମାନେ ପାପ କଲେ, ଶୟତାନ ଆନନ୍ଦିତ ହୁଏ । ପ୍ରେରିତ ପିତର କହନ୍ତି, ''ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ ଏହା ଖୋଜି ବୁଲୁଅଛି ।'' (୧ମ ପିତର ୫:୮) ଏହି ବାକ୍ୟ ଖ୍ରୀଷ୍ଟିୟାନମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଅଛି । ଏକ କ୍ଷୁଧିତ ସିଂହ ରୂପେ ଶୟତାନ ଏ ଜଗତରେ ବୁଲୁଅଛି । ଆମ୍ଭମାନଙ୍କ ଭାଇମାନଙ୍କ ପ୍ରତି ଏହି ପ୍ରକାର ଦୁଃଖଭୋଗ ଘଟିଅଛି ବୋଲି ଜାଣି ବିଶ୍ୱାସରେ ସ୍ଥିର ହୋଇ ରହ । ଏହି ଜାଗତିକ ଅଭିଳାଷରେ ଜୀବନଯାପନ କରିବା ଲୋକେ ଶୟତାନର ସନ୍ତାନ । ସେମାନଙ୍କ ନିମନ୍ତେ ଶୟତାନ ଆନନ୍ଦିତ ଅଟେ । ଈଶ୍ୱରଙ୍କ ସନ୍ତାନମାନଙ୍କୁ ପାପରେ ପତିତ କରିବା ନିମନ୍ତେ ଶୟତାନ ବିଭିନ୍ନ ପ୍ରଲୋଭନ ଦେଖାଇଥାଏ । ତାହାର ପ୍ରଲୋଭନରେ ଈଶ୍ୱରଙ୍କ ସନ୍ତାନମାନେ ପତିତ ହେଲେ, ସେ ଆହୁରି ଅଧିକ ଭାବେ ଆନନ୍ଦିତ । ପାପରେ ପତିତ ମନୁଷ୍ୟ, ମନ ପରିବର୍ତ୍ତନ ନ କଲେ ଶୟତାନର ଆନନ୍ଦ କହିଲେ ନ ସରେ ।

ଖ୍ରୀଷ୍ଟଙ୍କ ଠାରେ ଭାଇ ଓ ଭଗ୍ନୀମାନେ ବିବାଦ କଲେ ଶୟତାନ ଆନନ୍ଦିତ ହୁଏ । ଆମ୍ଭମାନଙ୍କ ବ୍ୟକ୍ତିଗତ ଆବଶ୍ୟକତା ନିମନ୍ତେ, ଈଶ୍ୱରଙ୍କ କାର୍ଯ୍ୟ ଅବହେଳା

କଲେ ଶୟତାନ ଆନନ୍ଦିତ ହୁଏ । ''ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର. କାରଣ ଏହା ହିଁ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ରର ସାର ।'' (ମାଥିଉ ୭:୧୨) । ଅନ୍ୟମାନଙ୍କୁ ଆପଣଙ୍କ ଠାରୁ ମହୋତ୍ତର ମଣୁ, ଆପଣା ସଦୃଶ୍ୟ ଅନ୍ୟମାନଙ୍କୁ ପ୍ରେମ କରିବା ଆଜ୍ଞା ଠାରୁ ଅଧିକ ଶ୍ରେଷ୍ଠତର ଆଜ୍ଞା ନାହିଁ । (ମାର୍କ ୨:୩୧)

ପ୍ରେରିତ ଯୋହନ ଗାୟଙ୍କ ନିକଟକୁ ଲେଖନ୍ତି, ''ମୁଁ ମଣ୍ଡଳୀ ନିକଟକୁ କିଛି ଲେଖିଲି, ମାତ୍ର ଦିୟତ୍ରଫୀ ମଣ୍ଡଳୀ ମଧ୍ୟରେ ପ୍ରଧାନ ହେବାକୁ ଭଲ ପାଇ ଆମ୍ଭମାନଙ୍କୁ ଅଗ୍ରାହ୍ୟ କରେ । ସେ ଆମ୍ଭମାନଙ୍କ ବିରୁଦ୍ଧରେ ମନ୍ଦ କଥା କହି ଆମ୍ଭମାନଙ୍କୁ ନିନ୍ଦା କରେ, ପୁଣି ସେଥିରେ ତୃପ୍ତ ନ ହୋଇ ନିଜେ ଭାଇମାନଙ୍କର ଆତିଥ୍ୟ କରେ ନାହିଁ, ପୁଣି ଅନ୍ୟମାନେ ତାହା କରିବାକୁ ଇଚ୍ଛା କଲେ ସେମାନଙ୍କୁ ମନା କରେ, ଏଣୁ ମୁଁ ଗଲେ ତାହାର ଏହି ସମସ୍ତ କୃତ କର୍ମ ସ୍ମରଣରେ ଆଣିବି ।'' (୩ୟ ଯୋହନ ୯:୧୦) । ଦିୟତ୍ରୟ ମଣ୍ଡଳୀରେ ଅନ୍ୟମାନଙ୍କ ଠାରୁ ମହାନ ମନେ କରି, ମଣ୍ଡଳୀ ସଭ୍ୟମାନଙ୍କ ତରଫରୁ ଆପେ ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଥିବାରୁ, ପ୍ରେରିତ ଯୋହନ ତାହାଙ୍କୁ ନିନ୍ଦା କରନ୍ତି, ଦିୟତ୍ରୟ ଦୁଷ୍କର୍ମର ଅନୁକାରୀ ନ ହୋଇ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ସୁକର୍ମର ଅନୁକାରୀ ହେଉ । (୧୧ମ ପଦ)

ମଣ୍ଡଳୀରେ ଭାଇ ଓ ଭଉଣୀ ମଧ୍ୟରେ ବିବାଦ ଘଟିଲେ ଶୟତାନ ଖୁସି ହୁଏ । ଅନ୍ୟପକ୍ଷରେ ଆପଣା ସନ୍ତାନସନ୍ତତିମାନଙ୍କ ମଧ୍ୟ ବିଭେଦ ସୃଷ୍ଟି ହେଲେ ପିତା ପରମେଶ୍ୱର ଦୁଃଖିତ ହୁଅନ୍ତି । ମଣ୍ଡଳୀରେ ବିଭେଦ, ମଣ୍ଡଳୀର କାର୍ଯ୍ୟକର୍ମ ଓ ଅଭିବୃଦ୍ଧିରେ ବିଘ୍ନର କାରଣ ହୁଏ । ମଣ୍ଡଳୀର ସଭ୍ୟମାନେ ଈଶ୍ୱରଙ୍କ କାର୍ଯ୍ୟ ନ କଲେ, ଶୟତାନ ଆନନ୍ଦିତ ହୁଏ । ସଭ୍ୟମାନଙ୍କ ମଧ୍ୟରେ ପ୍ରେମ ଓ ଏକତା ନ ଥିଲେ, ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟ ଆଣିବା କଷ୍ଟକର । ଯେଉଁ ମଣ୍ଡଳୀର ସଭ୍ୟମାନଙ୍କ ମଧ୍ୟରେ ପରସ୍ପର ପ୍ରେମ ଓ ସହଭାଗିତା ନ ଥାଏ, ସେ ମଣ୍ଡଳୀର ସଭ୍ୟ ହେବା ନିମନ୍ତେ କିଏ ବା ଇଚ୍ଛା କରିବ ? ୧ମ କରିନ୍ଥୀ ୧୩:୪-୫ ପଦଗୁଡ଼ିକରେ ପ୍ରେମର ସଂଜ୍ଞା ବର୍ଣ୍ଣନା କରାଯାଏ । ପ୍ରେମ ଦୀର୍ଘ ସହିଷ୍ଣୁ, ପ୍ରେମ ହିତଜନକ ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅପକାର ସ୍ମରଣରେ

ରଖେ ନାହିଁ । ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ ।'' ପ୍ରେମ ସମସ୍ତ ସହ୍ୟ କରେ, ବିଶ୍ୱାସ କରେ, ଦୟା କରେ ଓ ଧୈର୍ଯ୍ୟ ବହେ । ଖ୍ରୀଷ୍ଟଙ୍କ ଦତ୍ତ କାର୍ଯ୍ୟ କରିବାରେ ଆମ୍ଭେ ଗର୍ବୀ ଓ ଅହଂକାରୀ ନ ହୋଇ ପ୍ରତ୍ୟେକଙ୍କୁ ତାହାଙ୍କ ବାକ୍ୟ ପ୍ରଚାର କରୁ । (ମାଥିଉ ୨୮:୧୮-୨୦)

ଶୟତାନ ଆନନ୍ଦିତ ଅଟେ, କାରଣ ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ କାର୍ଯ୍ୟ ଠାରୁ ଆପଣା କାର୍ଯ୍ୟକୁ ଅଧିକ ପ୍ରାଧାନ୍ୟତା ଦେଉଅଛନ୍ତି। ଖ୍ରୀଷ୍ଟଙ୍କ କାର୍ଯ୍ୟରେ ଐକ୍ୟତାରେ କାର୍ଯ୍ୟ କରୁ ନ ଥିବାରୁ, ପିତା ପରମେଶ୍ୱର ଦୁଃଖିତ ଅଟନ୍ତି । ଏହା କେତେ ଲଜ୍ଜାକର ବିଷୟ । ଆସ, ଆମ୍ଭେମାନେ ପ୍ରେରିତ ପାଉଲଙ୍କ ଏହି ବାକ୍ୟ ଅନୁସରଣ କରୁ । ''ପରସ୍ପର'' ପ୍ରତି ସହନଶୀଳ ହୁଅ, ଆଉ ଯଦି କାହାରି କାହାରି ବିରୁଦ୍ଧରେ କୌଣସି କଥା ଥାଏ, ତେବେ ଏକକୁ ଆରେକ କ୍ଷମା କରି, ପ୍ରଭୁ ଯେପରି ତୁମ୍ଭମାନଙ୍କୁ କ୍ଷମା କରି ଅଛନ୍ତି, ତୁମ୍ଭେମାନେ ମଧ୍ୟ ସେହିପରି କର ।'' (କଲସୀ ୩:୧୩)

***- Bonnie Rushmare***

❋ ❋ ❋

## ***<u>Sweet words of Love</u>***

*Sweet words of Love*
*"I have redeemed thee....."*
*The son of Heaven*
*weighing out my worth to Him,*
*Against the bitter cup*
*Laid down his life*
*And bought me for his own.*
*Sweet words of Love*
*"I have called thee by my name....."*
*Precious gift*
*That he would let me wear,*
*- As though it were my own -*
*That name of His*
*unblemished from the down of time.*

*Sweet words of Love*
*"Thou art mine...."*
*No human holds possessively*
*A worthless thing*
*nor does to Lord.*
*His words declaring me his own,*
*And seal my worth*
*Sweet words of Love,*
*"I have redeemed thee*
*And called thee by my name*
*Thous art mine...."*
*Commitment - eternal*
*demanded my redeemption*
*freedom from slavery binding me...*
*Yet even that was not enough*
*Love bought my soul*
*But a like love given back to him*
*was what he wanted*
*And so, with His own name*
*He honoured my unworthiness,*
*And now,m defiant of the forces that would call me*
*wrasting from His care the one He loves,*
*He shields me from the World.*
*From all that would endanger,*
*And claims again the triumph of his love*
*"Thou....art..,mine!"*

***- Betly Burton Choates***

❋ ❋ ❋

# FRIENDSHIP

## Proverbs 18:24; 1 Samuel 18:1

**INTRODUCTION :**

1) One attached to another by esteem, respect, and affection.
2) One not hostile ; not a foe : not an enemy.
3) A friend sticketh closer than a brother - one is a brother by birth but a friend by choice.
4) A product that is rarely found any more
5) The poorest people on earth are those without friends.

**DISCUSSION :**

I) The story of David and Jonathan is a classic example of friendship (1 Samuel 18:1).

1) Life of David

2) Life of Jonathan

a) Eldest son of Saul b) Heir to the throne c) Killed in battle

3) David and Jonathan were best of friends - their souls were knitted together with love.

4) Jonathan showed his love

5) David gave a eulogy upon Jonathan's death. 2 Samuel 1:17,27).

II. Abraham was called the friend of God (James 2:23).

1) Had faith in God

2) Acted on that faith

III. John the baptizer was a friend of the bridegroom. (John 3:29).

1) A fore-runner of Christ.

2) Pointed his followers to him. (John 3:30).

IV. Cornelius has friends (Acts 10:24).

1) Called in his friends 2) They were taught the truth

V. Friends give instead of take

1) Love (Proverbs 17:17) 2) Help the poor (James 1:27).

3) Gospel (Mark 16:15) 4) Forgiveness (Matthew 5:14,15).

VI. Fair weather friends (Proverbs 19:4).

1) Made with money 2) Through popularity

3) Because of politics 4) Looking for a favor

5) As long as things are going good

6) On and off

VII. Friends of the world (James 4:4).

1) Live with the world

2) Hypocrites

3) Love the world

4) The enemies of God

VIII. Be a friend

1) To God

2) To Christ (John 14:15

3) To the church

4) To your neighbor

5) To the world

Conclusion :

1) Be nice and friendly to everyone

2) A friend will make friends

3) A friend will be rewarded many times

- J.C. CHOATE

**Printed Book Only**

From :


SATYA VANI
P.O. Box 80,
Kakinada - 533 001


To

(FOR PRIVATE CIRCULATION ONLY)